Largest Circulated Odia Daily

SAMBAD ସମ୍ବାଦ ସର୍ବାଧିକ ପ୍ରଚାରିତ ଓଡିଆ ଦୈନିକ








**କାଶ୍ମୀର ଭୂକମ୍ପ ପୀଡିତଙ୍କୁ ସହାୟତା ଅବ୍ୟାହତ: ମୃତ୍ୟୁ ସଂଖ୍ୟା ୧୦୦୦ ଛୁଇଁଲା , ଜେହାଦୀ କାଉନ୍‌ସିଲର ଘୋ**

ତାରିଖ : ୧୦/୧୧/୨୦୦୫


- ମୁଖ୍ୟ ପୃଷ୍ଠା
- ଜାତୀୟ ଖବର
- ଆନ୍ତର୍ଜାତିକ ଖବର
- କ୍ରୀଡା ଖବର
- ସଂପାଦକୀୟ
- ମହାନଗର ଖବର
- ସାକ୍ଷାତକାର
- ବିଜ୍ଞାପନ
- ପାଠକୀୟ ମତାମତ
- ସଂସ୍କରଣ ଅଭିଲେଖ
- ଆମ ସଂପର୍କରେ


## ପୂର୍ଣ୍ଣ ବିବରଣୀ

- ୮୦ କୋଟି ବ୍ୟୟରେ ଭୁବନେଶ୍ୱର ସଡ଼କ ଉନ୍ନତିକରଣ , ୧୦ଟିର କାର୍ଯ୍ୟ ଆରମ୍ଭ, ୨୦ରୁ ଏଜି-ରାଜମହଲ ରାସ୍ତା ଖୋଲିବ

ଭୁବନେଶ୍ୱର, (ଇମିସ) ରାଜଧାନୀ ଭୁବନେଶ୍ୱରର ମଧ୍ୟରେ ଥିବା ୫୨ଟି ସଡକର ଉନ୍ନତିକରଣ ପାଇଁ ୮୦ କୋଟି ଟଙ୍କା ବ୍ୟୟ ହେବ। ଦ୍ୱାଦଶ ଅର୍ଥ କମିଶନଙ୍କ ସହାୟତାରେ ଏହା କାର୍ଯ୍ୟକାରୀ ହେବ। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ପ୍ରସ୍ତାବିତ ଏହି ସଡକଗୁଡିକ ମଧ୍ୟରୁ ୧୦ଟିର କାର୍ଯ୍ୟ ଏବେ ଆଗେଇ ଚାଲିଥିବାବେଳେ ଅବଶିଷ୍ଟ ୪୨ଟିର କାର୍ଯ୍ୟସୂଚୀ ଏବେ ସଡକ ବିଭାଗ ମୁଖ୍ୟଯନ୍ତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ବିମାନ ବନ୍ଦର ଠାରୁ ନନ୍ଦନକାନନ ପର୍ଯ୍ୟନ୍ତ ସଡକ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ରାସ୍ତାକୁ ଭାଗ କରାଯାଇ ଏକାମ୍ର ମାର୍ଗ ଛକରୁ ଏଜି ଛକ, ଏଜି ଛକ ଠାରୁ ରାଜଭବନ ଛକ, ରାଜଭବନ ଛକ ଠାରୁ ନିକୋପାର୍କ-୧, ରାଜଭବନ ଛକ ଠାରୁ ପାୱାର ହାଉସ୍‌ଛକ -୨, ନିକୋପାର୍କ ଠାରୁ ଜୟଦେବ ବିହାରଛକ, ଜୟଦେବ ବିହାର ଛକ ଠାରୁ ସ୍ୱସ୍ତି ପ୍ଲାଜା, ସ୍ୱସ୍ତି ପ୍ଲାଜାରୁ ଡମଣା ଛକ, ଡମଣା ଛକ ଠାରୁ ନନ୍ଦନକାନନ ରାସ୍ତା କାର୍ଯ୍ୟ ଏବେ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟ ସଡକ ଉନ୍ନତିକରଣ କାର୍ଯ୍ୟରେ ମଧ୍ୟ ଇଉନିଟ୍‌-୧ ଓ ଇଉନିଟ୍‌-୨କୁ ସଂଯୋଗ କରୁଥିବା ଭୂତଳ ରାସ୍ତା କାର୍ଯ୍ୟକୁ ସାମିଲ କରାଯାଇଛି। ଜୁଲାଇ ୨୦ରେ ଆରମ୍ଭ କରାଯାଇଥିବା ଏହି ଭୂତଳ ପଥ କାର୍ଯ୍ୟ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହାର ନିର୍ମାଣ ପାଇଁ ଏଜି ଛକ ଓ ରାଜମହଲ ଛକ ରାସ୍ତାକୁ ଅବରୋଧ କରାଯାଇଥିବାବେଳେ ଆସନ୍ତା ୨୦ ତାରିଖରେ ଏହି ରାସ୍ତାକୁ ଖୋଲା ଯିବ। ପୂର୍ତ୍ତ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ ପତାକା ହଲାଇ ଏହି ରାସ୍ତାରେ ପୁନଃ ଯାତାୟତର ଶୁଭାରମ୍ଭ କରିବେ। ୪୩.୫ ମିଟର ଦୀର୍ଘ ଓ ୨୨ମିଟର ପ୍ରସ୍ଥ ବିଶିଷ୍ଟ ଏହି ଭୂତଳ ରାସ୍ତାରେ ସର୍ବସାଧାରଣ ଯାତାୟତ କରିବା ପାଇଁ ଆସନ୍ତା ମାସ ୧୦ ତାରିଖରେ ଏହାକୁ ଉଦ୍‌ଘାଟନ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ଭୂତଳ ରାସ୍ତାର ଦୁଇ କଡରେ ୨୬ଟି ଦୋକାନ ଗୃହକୁ ମିଶାଇ ମୋଟ ୨୮ଟି ଗୃହ ନିର୍ମାଣ କରାଯାଇଛି। ଏହି ଗୃହ ଗୁଡିକର ଲମ୍ବ ୫ ମିଟର ଓସାର ୨.୭୫ ମିଟର ହୋଇଥିବାବେଳେ ଉଚ୍ଚତା ୪.୯ ମିଟର ରହିଛି। ଦ୍ୱାଦଶ ଅର୍ଥ କମିଶନଙ୍କ ଅର୍ଥରେ ହେବାକୁ ଥିବା ଏହି ସଡକ ଉନ୍ନତିକରଣ ଯୋଜନାରେ ରାଜଧାନୀ ରାସ୍ତାମାନଙ୍କର ବ୍ୟାପକ ବିକାଶ କରାଯିବବୋଲି ସରକାରୀ ସୂତ୍ରରୁ ପ୍ରକାଶ।

ପୂର୍ବପୃଷ୍ଠା



**ଆଜି ମହାଷ୍ଟମୀ...!ଯା ଦେବୀ ସର୍ବ ଭୁତେଷୁ ମାତୃ ରୂପେଣ ସଂସ୍ଥିତା ନମଃତସୈ ନମଃତସୈ ନମଃ ତସୈ ନମୋନମଃ**

ପାଣିପାଗ

| ନଗର | ସର୍ବନିମ୍ନ | ସର୍ବୋଚ୍ଚ |
|---|---|---|
| ଭୁବନେଶ୍ୱର | ୨୩.୬ | ୨୯.୯ |
| କଟକ | ୨୪.୪ | ୩୧.୩ |
| ବାଲେଶ୍ୱର | ୨୩.୬ | ୩୦.୬ |
| ଗୋପାଳପୁର | ୨୪.୬ | ୩୧.୮ |
| ଝାରସୁଗୁଡ଼ା | ୨୪.୨ | ୩୩.୦ |

ବିତର୍କ/ମତାମତ ସଂଗ୍ରହ

ପଲ୍ଲିସଭା ବ୍ୟବସ୍ଥା ଗାଁ ଗାଁରେ ଗୋଷ୍ଠୀ ବିବାଦର କାରଣ ହୋଇଛି କି?

- ○ : ହଁ.....
- ○ : ନାହିଁ.....
- ○ : କହିପାରିବେନି....

Vote

ଅନ୍ୟାନ୍ୟ ଖବର


- ସ୍ତ୍ରୀ ସମ୍ମୁଖରେ ସ୍ୱାମୀକୁ କାଠ ଫାଳିଆରେ ପିଟି ପିଟି ହତ୍ୟା
- ପୂର୍ବ ବିବାଦରୁ ଠେଙ୍ଗାରେ ପିଟି ପିଟି ଯୁବକକୁ ହତ୍ୟା
- ମଦ୍ୟପାନର କରୁଣ ପରିଣତି: ସାଙ୍ଗ ହତ୍ୟା କଲା ସାଙ୍ଗକୁ
- ୨୪ ଘଣ୍ଟା ମଧ୍ୟରେ ୩ଟି ଦୁର୍ଘଟଣା, ୩ ମୃତ
- ଅଫୁଟା ଗୋଳା ଫୁଟି ଯୁବକ ଗୁରୁତର
- ନାକ୍‌ ପ୍ରତିନିଧିଙ୍କ ଉଦୟନାଥ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟ ପରିଦର୍ଶନ
- ସରକାରୀ ଜବରଦଖଲ: ଘର ମାଲିକ ୬ ବର୍ଷ ହେଲା ଭଡ଼ା ପାଇନାହାନ୍ତି
- ଟ୍ରକରୁ ଖସିପଡ଼ି ଡ୍ରାଇଭରର ମୃତ୍ୟୁ
- ଯୌତୁକ ନିର୍ଯାତନା ଅଭିଯୋଗରେ ଦଇଭାଇ ଗିରଫ

Copyright © 2001 orissasambad.com

Site Developed by : www.wayindia.com